ଶନିବାର, ୩୧ ଅଗଷ୍ଟ, ୨୦୨୪

# ପିଲାଙ୍କ ଧରିତ୍ରୀ





# ଗୁରୁ ହିଁ ରକ୍ଷାକର୍ତ୍ତା



## ଗପ

ରାଜ୍ୟର ନାଁ ବୀରଭୂମି। ଏହି ରାଜ୍ୟର ରାଜା ହେଉଛନ୍ତି ବୀରମିତ୍ର। ବୀରମିତ୍ରଙ୍କର ଦୁଇ ପୁଅ। ଦୁଇ ରାଜକୁମାରଙ୍କ ମଧ୍ୟରେ ବଡ଼ପୁଅ ଦେଖିବାକୁ ବେଶ୍ ସୁନ୍ଦର, ସୁସ୍ଥସବଳ ଆଉ ସାନପୁଅ ଜନ୍ମରୁ ଦୃଷ୍ଟିହୀନ। କିନ୍ତୁ ବଡ଼ପୁଅ ଭାରି ଖାମଖିଆଲ ସ୍ୱଭାବର। କୌଣସି କାମକୁ ଠିକ୍ ଭାବେ କରେ ନାହିଁ। କାହାକୁ ମାନେନାହିଁ କି କାହାରିକୁ ସମ୍ମାନ ଦିଏ ନାହିଁ। ସାନ ପୁଅ ତ ଦୃଷ୍ଟିହୀନ, ବଡ଼ପୁଅର ଗୁଣ ଏମିତି। ତେବେ ରାଜ୍ୟ ଶାସନ କେମିତି ହେବ ଭାବି ରାଜା ଭାରି ଚିନ୍ତାରେ ଥାଆନ୍ତି।

ଦିନେ ରାଜା ତାଙ୍କ ଗୁରୁଙ୍କୁ ସାକ୍ଷାତ କରି ଏସବୁ ସମସ୍ୟା ବିଷୟରେ ଜଣାଇଲେ। ଗୁରୁଜୀ କହିଲେ, ରାଜନ୍, ତୁମେ ଦୁଇ ପୁଅଙ୍କୁ ଗୋଲବସର କରି ଗୁରୁକୁଳକୁ ଛାଡ଼ିଲ ନାହିଁ। ଏବେ ତ ଡେରି ହୋଇସାରିଲାଣି। ଏବେ ମୋ ପାଖରେ ଛାଡ଼ନ୍ତୁ, ମୁଁ ଯଥାସମ୍ଭବ ଚେଷ୍ଟା କରିବି। ରାଜା ପୁଣି କହିଲେ ସାନ ତ ଦୃଷ୍ଟିହୀନ, ସେ ଯାଇ ଆପଣଙ୍କ ପାଖରେ କ'ଣ କରିବ? ତା' ପାଇଁ ପୁଣି ଜଣେ ସେବକର ଆବଶ୍ୟକତା ରହିଛି। ଗୁରୁଜୀ ହସିଦେଇ କହିଲେ ସେକଥା ମୁଁ ବୁଝିବି। ଦୁଇଦିନ ଭିତରେ ଦୁଇ ପୁଅଙ୍କୁ ନେଇ ଗୁରୁଜୀଙ୍କ ପାଖରେ ଛାଡି ଦେଇ ଆସିଲେ ରାଜା। ଗୁରୁକୁଳରେ ପାଠପଢା ଆରମ୍ଭ ହେଲା। ଦୁଇ ରାଜକୁମାରଙ୍କୁ ଯୁଦ୍ଧବିଦ୍ୟା, ରାଜନୀତି, ଚିକିତ୍ସା ଆଦି ଶିକ୍ଷା ଦିଆଯାଉଥାଏ। କିନ୍ତୁ ବଡପୁଅଟି ତା' ଦୁର୍ଗୁଣ ଛାଡୁ ନ ଥାଏ କି ଗୁରୁଙ୍କ କଥା ଶୁଣୁ ନ ଥାଏ। ଅନ୍ୟପଟେ ସାନପୁଅ ମନଧ୍ୟାନପୂର୍ବକ ଗୁରୁଜୀଙ୍କ ପାଖରୁ ସବୁ ଶିକ୍ଷା ଗ୍ରହଣ କରୁଥାଏ। ତେଣୁ ପାଠପଢା ହେଉ କି ଯୁଦ୍ଧକୌଶଳ ସବୁଥିରେ ସେ ପାରଙ୍ଗମ ହୋଇ ଉଠିଲା।

ଦିନ ପରେ ଦିନ ଗଡି ଚାଲିଲା। ସାନପୁଅର ସଫଳତାକୁ ଦେଖି ବଡ଼ପୁଅର ସ୍ୱଭାବରେ ପରିବର୍ତ୍ତନ ଆସିଲା। ଇତିମଧ୍ୟରେ ପରବର୍ତ୍ତୀ ରାଜା ହେବା ପାଇଁ ବଡ଼ପୁଅର ନାଁ ଘୋଷଣା କରାଗଲା। ସାନପୁଅ ଭାରି ଖୁସି ହେଲା। ଏଥିପାଇଁ ରାଜା ଏକ ଦକ୍ଷତା ପରୀକ୍ଷା କଲେ। ରାଜା ତାଙ୍କ ଜୀବିତ ଅବସ୍ଥାରେ କିଛିଦିନ ରାଜ୍ୟଭାର ବଡ଼ପୁଅକୁ ଦେଲେ। ବଡ଼ପୁଅ କିଛିଦିନ ଶାସନ କରିବା ପରେ ଜଣାପଡିଲା ତାଙ୍କ ରାଜ୍ୟ ପରିଚାଳନାରେ ପ୍ରଜା ଅସନ୍ତୁଷ୍ଟ। ରାଜକାର୍ଯ୍ୟ ଠିକ୍ ରୂପେ ସେ ତୁଲାଇପାରୁ ନାହାନ୍ତି। ରାଜା ଗୁରୁଙ୍କୁ କହିଲେ, ଗୁରୁଜୀ ମୋ ପୁଅ ତ ରାଜା ହେବା ପାଇଁ ସମ୍ପୂର୍ଣ୍ଣ ଦକ୍ଷ ନୁହେଁ। ଗୁରୁଜୀ କହିଲେ, ଆପଣଙ୍କ ସାନପୁଅକୁ କିଛିଦିନ ଦାୟିତ୍ୱ ଦେଇ ଦେଖନ୍ତୁ। ସାନପୁଅ ଦୃଷ୍ଟିହୀନ କାରଣରୁ ରାଜା ଗୁରୁଜୀଙ୍କ ପ୍ରସ୍ତାବରେ ରାଜି ନ ଥିଲେ। ତଥାପି ପରୀକ୍ଷାମୂଳକ ଭାବରେ କିଛିଦିନ ରାଜ୍ୟ ପରିଚାଳନା ଦାୟିତ୍ୱ ସାନପୁଅକୁ ଦେଲେ। ସାନପୁଅ ଦୃଷ୍ଟିହୀନ ସିନା, ତା'ର ବୁଦ୍ଧି ଓ ଶିକ୍ଷା ବଳରେ ସେ ରାଜ୍ୟକୁ ଏପରି ସୁପରିଚାଳନା କଲେ ଯେ, ରାଜା ତାହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ପ୍ରଜାମାନେ ବେଶ୍ ଆନନ୍ଦିତ ହେଲେ।

ବଡ଼ପୁଅ ଗୁରୁଜୀଙ୍କ କଥା ଶୁଣି ନ ଥିବାରୁ ଅନୁତାପ କଲା। ଗୁରୁଙ୍କୁ କ୍ଷମାପ୍ରାର୍ଥନା କଲା। ଗୁରୁଜୀ କହିଲେ, ତୁମ ସାନଭାଇ ନିଜକୁ ମୋଠାରେ ସମର୍ପିତ କରିଥିବାରୁ ସେ କୃତକାର୍ଯ୍ୟ ହୋଇଛି। ପରେ ବଡ଼ଭାଇ ରାଜାଙ୍କୁ ଯାଇ କହିଲା ଆପଣ ରାଜ୍ୟଭାର ମୋ ସାନଭାଇଙ୍କୁ ଦିଅନ୍ତୁ। ସାନଭାଇ ସେଠାରେ ପହଞ୍ଚିଯାଇ କହିଲେ, ନା ମୋର ବଡ଼ଭାଇ ଥାଉ ଥାଉ ମୁଁ ଏ ରାଜ୍ୟଭାର ଗ୍ରହଣ କରିବି ନାହିଁ। କିନ୍ତୁ ମୁଁ କଥା ଦେଉଛି ଯେତେ ଦିନଯାଏଁ ବଞ୍ଚିଥିବି ସେତେଦିନ ଯାଏ ମୋ ବଡ଼ଭାଇ ପାଖରେ ବସି ରାଜ୍ୟର ମଙ୍ଗଳ ପାଇଁ ଉଚିତ ପରାମର୍ଶ ଦେଉଥିବି। ଏକଥା ଶୁଣି ରାଜ୍ୟବାସୀ ଓ ରାଜା ଭାରି ଖୁସି ହେଲେ। ଦୁଇଭାଇ ରାଜ୍ୟ ପରିଚାଳନା କଲେ। ଗୁରୁଜୀଙ୍କ ଉଦ୍ଦେଶ୍ୟରେ ରାଜା ଓ ରାଜ୍ୟବାସୀ କହୁଥିଲେ ବାସ୍ତବରେ ଆପଣ ହେଉଛନ୍ତି ଆମ ରାଜ୍ୟର ରକ୍ଷାକର୍ତ୍ତା।

**- ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଖିଲି ଖିଲି ହସ

(ଅକୁ -ବିକୁ ମଧ୍ୟରେ କଥାବାର୍ତ୍ତା)
ଅକୁ: ବିକୁ,ତୋର ଫୋନ ବିଷୟରେ କିଛି ଜ୍ଞାନ ଅଛି ?
ବିକୁ: କ'ଣ ପଚାରୁନୁ ଫୋନ୍ ବିଷୟରେ, ମୁଁ ତ ଫୋନ୍‌ର ମାଷ୍ଟର।
ଅକୁ: କହିଲୁ ଆଇ ଫୋନ୍ (I phone) କେଉଁ କମ୍ପାନୀର ନେବି।

ମୁନା ତା' ସାଙ୍ଗମାନଙ୍କ ସହିତ ଗାଁ ବୁଲୁଥିଲା। ଏହି ସମୟରେ ସେ କହିଲା– ଯିଏ ମୋର ଇଚ୍ଛା ପୂରଣ କରିବ ମୁଁ ତାକୁ ୧ଲକ୍ଷ ଟଙ୍କା ଦେବି। ସବୁସାଙ୍ଗମାନେ ତାକୁ ପଚାରିଲେ ତୋର କ'ଣ ଇଚ୍ଛା ଅଛି କହ।
ମୁନା: ମୋର ଦୁଇଲକ୍ଷ ଟଙ୍କା ଦରକାର।
ଏକଥା ଶୁଣି ସାଙ୍ଗମାନେ ବେହୋସ ...

ଦୀପୁ ମନ୍ଦିରକୁ ପୂଜା କରିବାକୁ ଯାଇଥିଲା। ଯେତେବେଳେ ସେ ମନ୍ଦିରରୁ ବାହାରକୁ ଆସିଲା, ସେ ଦେଖିଲା ଜଣେ ଭିକାରି ତାକୁ ଆଶୀର୍ବାଦ ଦେଉଛନ୍ତି।
ଭିକାରି: ପୁଅ,ତୁମ ଯୋଡି ଭଲ ରହୁ।
ଦୀପୁ ଭିକାରିକୁ : ଭାଇ, ମୁଁ ତ ସିଙ୍ଗଲ ଅଛି।
ଭିକାରି: ଆରେ, ମୁଁ ତ ତୁମ ଜୋତା ବିଷୟରେ କହୁଛି।

## ମତାମତ

▸▸ ଏଥର 'କବିତା' ପୃଷ୍ଠାରେ ପ୍ରକାଶିତ କବିତାଗୁଡିକ ଶିକ୍ଷଣୀୟ ହୋଇଥିଲା।

**–ତନ୍ମୟ ରାଉତ, ରାଉରକେଲା**

▸▸ 'କହିଲ ଦେଖି' ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି।

**–ବିନାୟକ ମହାନ୍ତି , ବାଲେଶ୍ୱର**

▸▸ ଜନ୍ମାଷ୍ଟମୀ ଲାଗି ପ୍ରକାଶିତ 'ତୁମ ତୂଳୀ' ସ୍ତମ୍ଭରେ ଶ୍ରୀକୃଷ୍ଣଙ୍କ ଚିତ୍ରଗୁଡ଼ିକ ସୁନ୍ଦର ହୋଇଥିଲା।

**–ସୋନାଲି ନାୟକ, ଭୁବନେଶ୍ୱର**

## ରଙ୍ଗ ଦିଅ



# ହୀରାର ଦେଶ

ଦିନ ଥିଲା ହୀରା କେବଳ ଆମ ଦେଶରେ ହିଁ ମିଳୁଥିଲା। ପ୍ରାୟ ୧୦୦୦ ବର୍ଷ ଯାଏ ଭାରତ ଥିଲା ବିଶ୍ୱର ଏକମାତ୍ର ହୀରା ଉତ୍ପାଦନକାରୀ ଦେଶ। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ଅନ୍ୟ କୌଣସି ଦେଶରେ ହୀରାର ସନ୍ଧାନ ମିଳି ନ ଥିଲା। ତେଣୁ ଏହି ଦୃଷ୍ଟିରୁ ଆମ ଦେଶର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ୧୫ରୁ ୧୭ ଶହ ଶତାବ୍ଦୀ ବେଳକୁ ହୀରା ଉତ୍ପାଦନ କ୍ଷେତ୍ରରେ ଶିଖର ଛୁଇଁଥିଲା। ଆନ୍ଧ୍ରପ୍ରଦେଶର ଗୋଦାବରୀ ନଦୀ ନିକଟରେ ଥିବା ଗୋଲକୁଣ୍ଡା ମାଇନ୍ସ ହିଁ ଏକମାତ୍ର ସ୍ଥାନ ଥିଲା, ଯେଉଁଠାରୁ ହୀରା ଉତ୍ପାଦନ କରାଯାଉଥିଲା। ଏହି ମାଇନ୍ସରୁ ବହୁ ମୂଲ୍ୟବାନ ହୀରା ମଧ୍ୟ ଉତ୍ପାଦନ କରାଯାଇଛି।

ଏହାପରେ ୧୮ଶହ ଶତାବ୍ଦୀ ବେଳକୁ ବ୍ରାଜିଲ୍‌ରେ ହୀରାର ସନ୍ଧାନ ମିଳିଥିଲା। ୧୯୦୦ ଶତାବ୍ଦୀ ବେଳକୁ ଭାରତ ଆଉ ବିଶ୍ୱର ମୁଖ୍ୟ ହୀରା ଉତ୍ପାଦନକାରୀ ଦେଶ ହୋଇ ନ ଥିଲା। ୨୦୧୩ ମସିହାରେ ଭାରତରେ ୩୭,୫୧୫ କ୍ୟାରେଟ୍ ହୀରା ଉତ୍ପାଦନ ହେଉଥିଲା। ତେବେ ଭାରତରେ ଏବେ ବି ବହୁ ପ୍ରସିଦ୍ଧ ହୀରାଖଣିମାନ ରହିଛି। ମଧ୍ୟଭାରତରେ ଉତ୍ପାଦନ କରାଯାଉଥିବା ପାନ୍ନା ହୀରା ତା'ର ରଙ୍ଗ ପାଇଁ ଏବେ ବି ସ୍ୱତନ୍ତ୍ରତା ହାସଲ ସହ ସାରା ବିଶ୍ୱରେ ଆଦୃତି ଲାଭ କରିଛି।



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଗୁରୁ ଦିବସ

## କିପରି ପାଳିବେ

ଏଥର ଗୁରୁ ଦିବସକୁ କିପରି ପାଳନ କରିବେ, ସେ ସମ୍ପର୍କରେ ପିଲାମାନେ ଯାହା କହନ୍ତି...

ମା' ବାପା ଏବଂ ଗୁରୁଜନଙ୍କ ପରେ ପିଲାମାନଙ୍କର ପଥ ପ୍ରଦର୍ଶକ ହେଉଛନ୍ତି ଗୁରୁ। କେବଳ ପାଠପଢ଼ା ନୁହେଁ, ଆଚାର ବ୍ୟବହାର ବ୍ୟତୀତ ନିଜ ଜୀବନକୁ କିପରି ସୁସ୍ଥ ଭାବରେ ଗଢ଼ି ତୋଳିବ ତାହା ସେମାନଙ୍କଠାରୁ ଶିଖିଥାଆନ୍ତି। ଗୁରୁ ଚିର ନମସ୍ୟ। ପିଲାମାନଙ୍କ ହୃଦୟରେ ସେମାନେ ସବୁବେଳେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଆନ୍ତି। ତେଣୁ କୁହାଯାଇଛି- 'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ୍ ପରମବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ'। ଗୁରୁ ଦିବସ ପାଳନ ପଛରେ ଏକ ମାହାତ୍ମ୍ୟ ରହିଛି। ସ୍ୱାଧୀନ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଥିଲେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ। ସେ ଛାତ୍ରୀଛାତ୍ରଙ୍କୁ ଭାରି ଭଲ ପାଉଥିଲେ। ତାଙ୍କର ଶିକ୍ଷାଦାନ ଏବଂ ନୀତିଶିକ୍ଷା ସେ ସମୟରେ ସମସ୍ତଙ୍କୁ ବେଶ୍ ପ୍ରଭାବିତ କରିଥିଲା। ପ୍ରତିବର୍ଷ ତାଙ୍କର ଜନ୍ମତିଥି ସେପ୍ଟେମ୍ବର ୫ ତାରିଖକୁ 'ଗୁରୁ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଆମ ଦେଶର ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଏହି ଦିବସକୁ ପାଳନ କରାଯାଇଥାଏ। ଉକ୍ତ ଦିନ ପିଲାମାନେ ଗୁରୁଙ୍କୁ ପୂଜାର୍ଚ୍ଚନା କରି ସେମାନଙ୍କଠୁ ଆଶୀର୍ବାଦ ଲୋଡ଼ିଥାଆନ୍ତି। ଚଳିତବର୍ଷ ଏହି ଦିବସକୁ କେତେକ ପିଲା କିପରି ପାଳିବାକୁ ଯୋଜନା କରିଛନ୍ତି, ସେ ବିଷୟରେ ସେମାନେ ଯାହା କୁହନ୍ତି...



### ଗୁରୁଙ୍କ ସ୍ଥାନ ଅପୂରଣୀୟ



ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଆମେ ଗୁରୁ ଦିବସ ଭାବରେ ପାଳନ କରିଆସୁଛୁ। ଏହି ଦିବସକୁ ଏଥର ମୁଁ ବେଶ୍ ଆଗ୍ରହର ସହ ଅପେକ୍ଷା କରିଛି। କାରଣ ଯେ ପର୍ଯ୍ୟନ୍ତ ପାଠପଢ଼ା ଚାଲିଛି, ସେ ପର୍ଯ୍ୟନ୍ତ ଆମେ ଗୁରୁମାନଙ୍କ ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ। ତା'ପରେ ସେମାନଙ୍କର ଉପଦେଶ ମଧ୍ୟ ଆମ ପାଇଁ ନୂଆ ପଥ ପ୍ରଦର୍ଶନ କରିଥାଏ। ଏଥର ଗୁରୁ ଦିବସରେ ମୁଁ ଆମ ସ୍କୁଲର ଗୁରୁଙ୍କୁ ପୂଜା କରିବା ସହ ସେମାନଙ୍କଠାରୁ କିଛି ନୂଆ କଥା ଶିଖିବାକୁ ଚେଷ୍ଟା କରିବି। କାରଣ ମୁଁ ସବୁବେଳେ କିଛି ନା କିଛି ନୂଆ କଥା ଶିଖିବାକୁ ଆଗ୍ରହ ରଖିଥାଏ। ଏଥର ଆମ ସ୍କୁଲରେ ବେଶ୍ ଜାକଜମକରେ ଗୁରୁ ଦିବସ ପାଳନ ହେବ। ଏହି ଅବସରରେ କେତେଜଣ ନାମୀ ଶିକ୍ଷାବିତ୍ ସ୍କୁଲକୁ ଆସି ଆମକୁ ମାର୍ଗଦର୍ଶନ କରିବେ। ତେଣୁ ଏଥର ଗୁରୁ ଦିବସ ମୋ ପାଇଁ ସ୍ମରଣୀୟ ହେବ।

**– ଶୁଭମ୍ ମହାରଣା,** କ୍ଲାସ୍-୭, ଶାରଦା ବିହାର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଗୁଆଳି, ପୁରୀ

### ଗୁରୁଙ୍କ ଆଶୀର୍ବାଦ ଏକାନ୍ତ କାମ୍ୟ



ମୋ ଜୀବନରେ ମା' ବାପାଙ୍କ ବ୍ୟତୀତ ମୋ ଗୁରୁଙ୍କୁ ସ୍ୱତନ୍ତ୍ର ସମ୍ମାନ ଦେଇଥାଏ। କାରଣ ଜଣେ ପିଲାର ଭବିଷ୍ୟତ ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତିବର୍ଷ ପରି ଏଥର ଗୁରୁ ଦିବସକୁ ସ୍ପେଶାଲ କରିବାକୁ ଚେଷ୍ଟା କରିବି। କାରଣ ସବୁବର୍ଷ ଗୁରୁମାନଙ୍କୁ ପୂଜା କରି ସେମାନଙ୍କର ଆଶୀର୍ବାଦ ନେଇଥାଏ। ଏଥର ମଧ୍ୟ ସେମାନଙ୍କୁ ପୂଜା କରିବି। ମୋ ମନରେ ଆମ ସ୍କୁଲର ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ସ୍ୱତନ୍ତ୍ର ସମ୍ମାନ ରହିଛି। ଏଥର ଗୁରୁ ଦିବସରେ ଗୁରୁଙ୍କ ପାଇଁ କିଛି ଗିଫ୍ଟ ଦେବାକୁ ସ୍ଥିର କରିଛି। କାରଣ ପାଠପଢ଼ା ସମୟରେ ଯେତେବେଳେ ସେମାନଙ୍କର ସହାୟତା ଲୋଡ଼ିଛି, ସେମାନେ ମୋତେ ସହଯୋଗ କରିଛନ୍ତି। ସ୍କୁଲ ବ୍ୟତୀତ ଆମ ଟ୍ୟୁସନରେ ମଧ୍ୟ ଗୁରୁ ଦିବସ ପାଳନ ହେବ। ସେଠାରେ ସାର୍‌ମାନଙ୍କୁ ପୂଜା କରି ତାଙ୍କର ଆଶୀର୍ବାଦ ନେବି। କାରଣ ଜଣେ ଛାତ୍ରୀ ହେଉ କି ଛାତ୍ର, ସେ ନିଜ ଜୀବନକୁ ଗଢ଼ି ତୋଳିବାରେ ଗୁରୁଙ୍କ ଆଶୀର୍ବାଦ ଏକାନ୍ତ କାମ୍ୟ।

**– ରଶ୍ମି ମୁଣ୍ଡା,** କ୍ଲାସ୍-୯, ସରକାରୀ ଏସ୍ଏସ୍‌ଡି ବିଦ୍ୟାଳୟ, ବଞ୍ଜାରା, ଝାରସୁଗୁଡା



### ଗୁରୁ ମୋ ପାଇଁ ଚିରନମସ୍ୟ



ଆଜି ପାଠପଢ଼ାରେ ଯେଉଁ ସ୍ଥାନରେ ପହଞ୍ଚିଛି, ସେଥିପାଇଁ ଗୁରୁମାନଙ୍କର ଅବଦାନକୁ କଦାପି ଭୁଲିପାରିବି ନାହିଁ। ତେଣୁ ଗୁରୁ ମୋ ପାଇଁ ଚିରନମସ୍ୟ। ପ୍ରତିବର୍ଷ ମୁଁ ଗୁରୁ ଦିବସକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଏ। କାରଣ ଏହି ଦିନ ସ୍କୁଲରେ ଗୁରୁପୂଜା ଅନୁଷ୍ଠିତ ହୁଏ। ଆମେ ତ ସେମାନଙ୍କୁ ପୂଜା କରୁ, ତା' ସହ ଏହି ଦିବସ ଅବସରରେ ଗୁରୁ ଆମକୁ ଅନେକ ଉପଦେଶ ଦେଇଥାଆନ୍ତି। ପ୍ରତିବର୍ଷ ସେମାନେ ଦେଉଥିବା ଉପଦେଶକୁ ଖାତାରେ ଟିପି ରଖେ। ତା'ପରେ ଘରକୁ ଆସି ସେଗୁଡ଼ିକୁ ଭଲ ଭାବରେ ପଢ଼ି ତାହାର ସାରତତ୍ତ୍ୱକୁ ଅନୁସରଣ କରିବାକୁ ଚେଷ୍ଟା କରେ। ମୋ ମତରେ ଗୁରୁଙ୍କୁ କେବଳ ପୂଜା କଲେ ହେବ ନାହିଁ। ତାଙ୍କର ଜୀବନାଦର୍ଶକୁ ଆମେ ତର୍ଜମା କରି ତାହାକୁ କାମରେ ଲଗାଇପାରିଲେ ହେଲା। ପ୍ରତିବର୍ଷ ଗୁରୁ ଦିବସରେ ଆମ ସ୍କୁଲରେ ଡିବେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଏବର୍ଷ ଏଥିରେ ନିଶ୍ଚୟ ଭାଗ ନେବି। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନର କେତେକ ସ୍ମରଣୀୟ ଘଟଣାକୁ ନେଇ ଏକ ଲେଖା ପ୍ରସ୍ତୁତ କରିଛି। ତାହାକୁ ପିଲାମାନଙ୍କ ସମ୍ମୁଖରେ ଉପସ୍ଥାପନା କରିବି।

**– ମିଲନ୍ ମହାକୁଡ଼,** କ୍ଲାସ-୧୦, ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦା, ମୟୂରଭଞ୍ଜ

### ଗୁରୁଙ୍କ ଅବଦାନକୁ ଭୁଲି ହେବ ନାହିଁ



ମୋ ପାଠପଢ଼ା ଜୀବନରେ ଗୁରୁ ଦିବସକୁ ସ୍ୱତନ୍ତ୍ର ସ୍ଥାନ ଦେଇଥାଏ। କାରଣ ଆମ ପାଇଁ ଗୁରୁ ହେଉଛନ୍ତି ସବୁକିଛି। ସେମାନଙ୍କ ନିକଟରୁ ଆମେ ଅନେକ କିଛି ଶିଖୁଛେ। ପ୍ରତିବର୍ଷ ଗୁରୁ ଦିବସକୁ ମୁଁ ଆଗ୍ରହର ସହ ଅପେକ୍ଷା କରିଥାଏ। ଆମ ସ୍କୁଲରେ ଆମେ ସାର୍‌ମାନଙ୍କୁ ପୂଜା କରିଥାଉ। ଏଥର ଆମେ ସାର୍‌ମାନଙ୍କୁ ଏକ ବିଷୟବସ୍ତୁ ଦେଇଛୁ। ସେମାନଙ୍କ ପାଠପଢ଼ା ସମୟରେ ସ୍ମରଣୀୟ ତଥା ଶିକ୍ଷଣୀୟ ଘଟଣା ବିଷୟରେ ସେମାନେ ଆମକୁ ସେହି ଦିନ ସୂଚନା ଦେବେ। କାରଣ ସେଥିରୁ ଆମେ ଅନେକ ନୂଆ କଥା ଶିଖିପାରିବୁ। କେବଳ ସେତିକି ନୁହେଁ, ଆମ ପାଠପଢ଼ା ଜୀବନରେ ଘଟିଥିବା ସ୍ମରଣୀୟ ଘଟଣା ବିଷୟରେ ଆମେ କେତେକ ଛାତ୍ର ମଧ୍ୟ କହିବୁ। ତେଣୁ ଏଥର ଗୁରୁ ଦିବସ ମୋ ପାଇଁ ସ୍ପେଶାଲ ହେବ ବୋଲି ଆଶା ରଖିଛି।

**– ଶମ୍ଭୁ ଠେଲା,** କ୍ଲାସ୍-୮, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଥରଚେପା, ବଲାଙ୍ଗିର






୧



୨


୩



୪


୫


୬



୭


୮

୧
**ପ୍ରିହାନ ପ୍ରତେତେସ**
କ୍ଲାସ୍-୭, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା





**ପ୍ରୀତିପୁଷ୍ପା ଦାଶ**
କ୍ଲାସ୍-୫, ଜାଭେରିଆନ୍ ହାଇସ୍କୁଲ, ଆଦିମାତା କଲୋନୀ, ଗାଡ଼କଣ, ଭୁବନେଶ୍ୱର
୨

୩
**ହର୍ଷିତା ମହାପାତ୍ର**
କ୍ଲାସ-୩, ଅଲିଭ୍ ମାଉଣ୍ଟ ଗ୍ଲୋବାଲ ସ୍କୁଲ, ହାଇଦ୍ରାବାଦ





**କାଞ୍ଚନ ଭତ୍ରା**
କ୍ଲାସ୍- ୮, ଏସ୍ ଏସ୍ ଡି ବାଳିକା ଉଚ୍ଚ ବିଦ୍ୟାଳୟ, ଡାବୁଗାଁ, ନବରଙ୍ଗପୁର
୪

୫
**ଓମ୍ ସାଇ ରବି ନାରାୟଣ କର**
କ୍ଲାସ୍-୭, ଭେଙ୍କଟେଶ୍ୱର ସ୍କୁଲ, କୋଣାର୍କ, ପୁରୀ





**ଜିସାନ୍ତ ପଟ୍ଟନାୟକ**
କ୍ଲାସ୍- ୧, ବିଜେଇଏମ୍ ସ୍କୁଲ-୧, ଭୁବନେଶ୍ୱର
୬

୭
**ଆଶ୍ରିତା କର**
କ୍ଲାସ୍- ୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର





**ଶ୍ରେୟାଂଶୀ ମହାପାତ୍ର**
କ୍ଲାସ୍- ୧, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର, ଭୁବନେଶ୍ୱର
୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଦାନ୍ତରେ ଭିଡୁଛନ୍ତି ଟ୍ରକ୍

ଦାନ୍ତରେ କେହି ଏକ ଟ୍ରକ୍‌କୁ ଭିଡି ନେଇପାରିବ! ଏକଥା ଶୁଣିଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ! ମାତ୍ର ଏଭଳି ଏକ କାମକୁ ସତ କରି ଦେଖାଇଛନ୍ତି ଇଜିପ୍ଟର ଜଣେ ବ୍ୟକ୍ତି ଅଶରଫ୍ ସୁଲିମାନ୍। ଜିନିଷପତ୍ର ଲଦା ହୋଇଥିବା ଏକ ଟ୍ରକ୍, ଯାହାର ଓଜନ ୧୫,୦୦୦ କିଲୋଗ୍ରାମ୍‌ରୁ ଅଧିକ ତାହାକୁ ସେ ଦାନ୍ତରେ ଭିଡି ନେଇପାରୁଛନ୍ତି। ଟ୍ରକ୍‌ରେ ଏକ ରଶି ଲଗାଇ ତାହାକୁ ଦାନ୍ତରେ ଭିଡୁଛନ୍ତି । ତାଙ୍କର ଏହି କାମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏମିତିକି ତାଙ୍କ ଦାନ୍ତ ଚିକିତ୍ସକ ବି ଏଭଳି ଶକ୍ତି ଦେଖି ଆଚମ୍ବିତ ହୋଇଛନ୍ତି। ତେବେ ଏଭଳି



କରିବା ପାଇଁ ଅଶରଫ୍ ଅନେକ ଦିନରୁ ଅଭ୍ୟାସ କରୁଥିଲେ। ତାଙ୍କ ମନୋବଳ ଏନେଇ ବେଶ୍ ଦୃଢ ରହିଥିଲା। ଶେଷରେ ସେ ଗିନିଜ୍ ରେକର୍ଡ ପାଇଁ ଏହି କାମ କରିବାକୁ ପ୍ରୟାସ କରିଥିଲେ। ୨୦୨୧ ଜୁନ୍‌ରେ ସେ ଏହି କ୍ଷେତ୍ରରେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି।

## କବିତା



### ଗୁରୁ ଦିବସ

**ଗୁରୁ ଆମ ମାତା ପିତା**
**ଦ୍ୱିତୀୟ ଈଶ୍ୱର**
ବଗିଚାର ମାଳି ତୁମେ
ସ୍ରଷ୍ଟା ସୃଜନର।
ଆଜିର ଶୁଭ ଦିନରେକରୁ ସ୍ମରଣ
ଚିର ସ୍ମରଣୀୟ ତୁମେ
ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍।
ବହୁ ପ୍ରତିଭାର ଅଧିକାରୀ
ଆଦର୍ଶ ଶିକ୍ଷକ
ଜନ୍ମଦିନେ ପାଳେ ଦେଶ
ଗୁରୁ ଦିବସ।
ଭାରତ ମାତାର ସୁଯୋଗ୍ୟ ସନ୍ତାନ
ଦେଇଛ ଦିଗ୍‌ଦର୍ଶନ
ଏ ଦେଶ ଦେଖିଛି ତୁମ ଦେଶପ୍ରେମ।

**– ଚିତ୍ତରଞ୍ଜନ ମହାନ୍ତି**
ରାଣୀତାଲ, ଭଦ୍ରକ
ମୋ: ୯୪୩୮୬୭୦୧୫୦

### କରିବା ଗୁରୁ ପୂଜା

ରାଧାକ୍ରିଷ୍ଣନ ଜନମ ଦିନେ
କରିବା ଗୁରୁ ପୂଜା
ମଥା ନୁଆଁଇ ତାଙ୍କ ଆଶିଷେ
ନେବା ପାଠର ମଜା ।
ପାଠର ବଳେ ବୁଦ୍ଧି ବିବେକ
ମଥାକୁ ଯିବ ଛୁଇଁ
ସତ ପଥରେ ସତ କରମ
କରିବା ଯିବ କହି ।
ଖୋଜି ପାଇବା ନୂଆ ଗଢ଼ିବା
କାମେ ଯୋଡ଼ିବ ମନ
ପୁଳାକୁ ପୁଳା ଯଶ କୀରତି
ସାଥେ ଅମାପ ଧନ ।
ଗୁରୁ, ଚାହାଳି ନିନ୍ଦାରେ ଯିଏ
ବିନାଶ ତା'ର ଜାଣ
କଳଙ୍କବୋଳା ପିଣ୍ଡରେ ତା'ର
କି ଲାଭ ରହି ପ୍ରାଣ !

**– ମହେନ୍ଦ୍ର କୁମାର ଘଡ଼େଇ**
କଟରପଡ଼ା, ନିଶ୍ଚିନ୍ତକୋଇଲି, କଟକ,
ମୋ: ୯୪୩୭୭୪୦୫୬୬

### ଗୁରୁ ହିଁ ପରମେଶ୍ୱର

ଜ୍ଞାନ ଦୀପ ଜାଳି ଆଲୋକ ଦେଖାନ୍ତି
ଦୂର କରି ଅନ୍ଧକାର
ଗୁରୁ ବ୍ରହ୍ମା, ବିଷ୍ଣୁ ଗୁରୁ ମହେଶ୍ୱର
ତୁଳନା ନାହିଁ ତାଙ୍କର।
ଗୁରୁ ମୁକ୍ତି ଶାନ୍ତି ପ୍ରଗତିର ପଥେ
ପ୍ରେରଣାର କର୍ଣ୍ଣଧାର
ଗୁରୁ ମହାଶକ୍ତି ପୃଥିବୀଠୁ ବଡ଼
ଗୁରୁ ଯେ ପରମେଶ୍ୱର।
ଗୁରୁ ଶ୍ରେଷ୍ଠ ଏ ମହୀମଣ୍ଡଳେ
ଗୁରୁ ଚୀର ମହିୟାନ
ଜ୍ଞାନ ଭଣ୍ଡାରରୁ ନିତି ଜ୍ଞାନ ବାଣ୍ଟି
ଦେଇଥାନ୍ତି ଦିବ୍ୟଜ୍ଞାନ।
ରାମ, କୃଷ୍ଣ, ବୁଦ୍ଧ, ଯିଶୁ, ଏକଲବ୍ୟ



କର୍ଣ୍ଣ ଗୁରୁ ଆଶୀଷରେ
ଧର୍ମର ପ୍ରତିଷ୍ଠା କରିଯାଇଛନ୍ତି
ଏ ସୁନ୍ଦର ଜଗତରେ।

**– ନଳିନୀ ଦାଶ**
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

### ଖୁଦୁରୁକୁଣୀ

ଭାଦ୍ରବ ମାସରେ ଖୁଦୁରୁକୁଣୀ
ଭକ୍ତିରେ ପୂଜିବା ମା' ଠାକୁରାଣୀ ।
ତଅପୋଇ ସାଧବର ଦୁଲଣୀ
ସାତ ଭାଇରେ ସେ ଏକ ତ ଭଉଣୀ।
ଗେଲବସରରେ ଦିନ ବିତଇ
ସାତ ଭାଉଜଙ୍କୁ ସାଥିରେ ପାଇ।
ରାଣ୍ଡୀ ବ୍ରାହ୍ମଣୀର ବୋଲେ ପଡ଼ିଲେ
ଛଅ ଭାଉଜ ତା ବଇରି ହେଲେ ।
ସାତ ଭାଇ ବିଦେଶ ଯାଇଥିଲେ
ଦୁଃଖ ବୁଝିବାକୁ କେହି ନ ଥିଲେ ।
ସେ ଖୁଦୁରୁକୁଣୀ ଓଷା କରିଲା
ଭକ୍ତି ଚିତ୍ତେ ମା' ମଙ୍ଗଳା ପୂଜିଲା ।
ବଣିଜରୁ ସାତ ଭାଇ ଫେରିଲେ
ଭଗ୍ନୀ ହସ୍ତେ ପତ୍ନୀ ନାକ କାଟିଲେ ।
ଖୁଦୁରୁକୁଣୀ ଓଷାଟି କରିବା
ଭାଇ ଭଉଣୀଏ ମିଶି ଚଳିବା।

**– ଡ.ଶରତ କୁମାର ଚଉଁରୀ**
ଟିଚର୍ସ କଲୋନୀ,ପିପିଲି, ପୁରୀ

## ଏଥର ଉତ୍ତର

- କେଉଁ ଦେଶରେ ସର୍ବାଧିକ ପ୍ରାକୃତିକ ହ୍ରଦ ରହିଛି ?
- ଜର୍ମାନୀରେ 'ଏଲି'କୁ କ'ଣ ମାପିବା ପାଇଁ ଏକକଭାବେ ବ୍ୟବହାର କରାଯାଏ ?
- ପ୍ରଥମ ବିଶ୍ୱଯୁଦ୍ଧରେ କିଏ ବିଜେତା ଥିଲେ ?
- ଦ୍ୱିତୀୟ ବିଶ୍ୱଯୁଦ୍ଧ କେଉଁ ସମୟ ମଧ୍ୟରେ ହୋଇଥିଲା ?
- ରୁଷିଆ ଆନ୍ଦୋଳନରେ ବୋଲ୍‌ଶେଭିକ୍ ଗ୍ରୁପ୍ କେଉଁ ନେତାଙ୍କ ଦ୍ୱାରା ପରିଚାଳିତ ହେଉଥିଲା ?

### ଗତଥର ଉତ୍ତର

- କାନାଡା
- ଆଡୋଲ୍‌ଫ ହିଟଲର୍
- ୧୯୦୦
- ଉତ୍ତର କୋରିଆ
- ୧୯୮୯


## କହିଲ ଦେଖି

ଥିଲେ ଜଣେ ଗୁରୁ ଗୁରୁଙ୍କର ଗୁରୁ
ହୋଇଥିଲେ ରାଷ୍ଟ୍ରପତି
କିଏ ସିଏ ତାଙ୍କୁ ପୂଜା କରୁଛନ୍ତି
କହିଲ ଲଗାଇ ମତି!



**ଉତ୍ତର – ସର୍ବପଲ୍ଲୀ ରାଧାକ୍ରିଷ୍ଣନ**

ପାଠପଢା ସବୁ ଛୁଟି ହୋଇଥାଏ
ଆସିଥାନ୍ତି ଗୁରୁ, ପିଲା
କେଉଁଦିନ ତାହା, ଗୁରୁ ପୂଜା ହୁଏ
କୁହ ନ କରି ଡିଲା
କହିଦେବ ଯିଏ ସେହି ପିଲାଟିକୁ
ମିଳିବରେ ରସଗୋଲା।



**ଉତ୍ତର – ସେପ୍ଟେମ୍ବର ପାଞ୍ଚ ତାରିଖ**

ଏକଲବ୍ୟ ନାମେ ଶିଷ୍ୟ ଜଣେ ଥିଲା
ଗୁରୁଙ୍କ ପ୍ରତିମା ରଖି ଶିକ୍ଷା କଲା
ହେଲା ଧନୁର୍ଦ୍ଧର ବୀର
ବୃଦ୍ଧାଙ୍ଗୁଷ୍ଠି ଦେଲା ଦକ୍ଷିଣା ସ୍ୱରୂପ
ନୁଆଁଇ ତାହାର ଶିର
କୁହ କିଏ ଗୁରୁ ଥିଲେ
ମିଠା ଖାଇବରେ ପିଲେ।



**ଉତ୍ତର – ଦ୍ରୋଣ**

**– କୀର୍ତ୍ତନ ସାହୁ**
ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର, ମୋ: ୯୪୩୮୪୧୪୭୦୧

# ଅଭିଶପ୍ତ ନଦୀ

ଆମ ଦେଶରେ ଏମିତି କିଛି ନଦୀ ଅଛି ଯାହାକୁ ପବିତ୍ର ନଦୀ ବୋଲି କୁହାଯାଏ। ସେଭଳି ପ୍ରମୁଖ ନଦୀଗୁଡିକ ହେଲା-ଗଙ୍ଗା, କୃଷ୍ଣା, ଗୋଦାବରୀ ଏବଂ ନର୍ମଦା । ଏହି ନଦୀଗୁଡିକରେ ସ୍ନାନ କଲେ ପୂଣ୍ୟ ମିଳେ କଥିତ ଅଛି ଏବଂ ଏଗୁଡିକର ମହାତ୍ମ୍ୟ ମଧ୍ୟ ପୁରାଣରେ ବର୍ଣ୍ଣନା କରାଯାଇଛି। କିନ୍ତୁ ଚମ୍ବଲ ନଦୀକୁ ନେଇ ଏକ ବିଶ୍ୱାସ ରହିଛି। ମଧ୍ୟପ୍ରଦେଶ,ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନ ପର୍ଯ୍ୟନ୍ତ ବହିଯାଇଥିବା ଏହି ନଦୀରେ ଲୋକମାନେ ଗାଧୋଇବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। କାରଣ ଏଥିରେ ଗାଧୋଇଲେ ପୁଣ୍ୟ ନୁହେଁ ପାପ ମିଳିଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି। ପୁରାଣରୁ ଜଣାପଡେ ଯେ, ବହୁ ବର୍ଷେ ପୂର୍ବେ ରତିଦେବ ନାମକ ରାଜା କେତେକ ଜୀବଜନ୍ତୁଙ୍କୁ ଏହି ନଦୀ କୂଳରେ ବଳି ଦେଇଥିଲେ। ଏହି ଜୀବଜନ୍ତୁଙ୍କ ରକ୍ତ ଉକ୍ତ ନଦୀ ପାଣିରେ ମିଶି ଯାଇଥିଲା। ଏଥିପାଇଁ ନଦୀଟିର ପାଣି ଲାଲ ରଙ୍ଗ ହୋଇଯାଇଥିଲା। ଏହାପରେ ଏହି ନଦୀକୁ ଅଭିଶପ୍ତ ନଦୀ ନାମରେ ନାମିତ କରାଗଲା। କୁହାଯାଏ ଏହି ନଦୀରେ ଗାଧୋଇଲେ ଜୀବନରେ ଦୁଃଖ ଆସିଥାଏ।



# ଡଲଫିନ୍‌କୁ ଡରେ ସାର୍କ

ଶାର୍କମାଛକୁ ସମୁଦ୍ରର ସବୁଠାରୁ ଭୟଙ୍କର ଜୀବ କୁହାଯାଏ। କିନ୍ତୁ ଜାଣିଛନ୍ତି କି ସେ ଡଲଫିନ୍‌କୁ ଭୟ କରିଥାଏ। ସମୁଦ୍ର ମଧ୍ୟରେ ଦେଖା ଦେଉଥିବା ଅନେକ ପ୍ରଜାତିର ଜୀବ ମଧ୍ୟରୁ ଶାର୍କ ଅନ୍ୟତମ। ଶାର୍କ ଏଭଳି ଏକ ମାଛ ଯଦି କୌଣସି ମନୁଷ୍ୟଙ୍କୁ ଆକ୍ରମଣ କରେ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କର ବଞ୍ଚିବା ସମ୍ଭାବନା କ୍ଷୀଣ ହୋଇଥାଏ। ଶାର୍କ ସବୁବେଳେ ଏକୁଟିଆ ପହଁରିବାକୁ ପସନ୍ଦ କରେ, ହେଲେ ଡଲଫିନ୍ ଦଳବଦ୍ଧ ହୋଇ ପହଁରନ୍ତି। ପହଁରିବା ସମୟରେ ଯଦି ଶାର୍କ ଆକ୍ରମଣ କରେ ତେବେ ଡଲଫିନ୍‌ମାନେ ଦଳବଦ୍ଧ ହୋଇ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରନ୍ତି। ଡଲଫିନ୍‌ର ମୁହଁର ହାଡ ବହୁତ ଶକ୍ତିଶାଳୀ। ଯେତେବେଳେ ଏମାନଙ୍କୁ ଶାର୍କ ଶିକାର କରିବାକୁ ବାହାରେ ସେସମୟରେ ଡଲଫିନ୍ ନିଜର ତୀକ୍ଷ୍ଣ ମୁହଁ ସାହାଯ୍ୟରେ ଶାର୍କର ପେଟକୁ ଆଘାତ କରିଥାଏ। କେବଳ ଏତିକି ନୁହେଁ ଡଲଫିନ୍ କ୍ଷିପ୍ର ବେଗରେ ପହଁରିପାରେ। ଯାହାଫଳରେ ସେମାନେ ବିପଦ ସଙ୍କେତ ପାଇବା ମାତ୍ରେ ଖୁବ୍ ଶୀଘ୍ର ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥାନ୍ତି। ଏହାଦ୍ୱାରା ସେମାନେ ନିଜକୁ ଶାର୍କ ଏବଂ କୌଣସି ଶତ୍ରୁ କବଳରୁ ସହଜରେ ରକ୍ଷା କରିପାରନ୍ତି।




# ନିଜେ ତିଆରି କର

# ବାୟୁ ତାପମାନ ଯନ୍ତ୍ର

ନିକୁଞ୍ଜ ବିହାରୀ ସାହୁ

ତାପମାତ୍ରା ମାପିବା ନିମନ୍ତେ ତାପମାନ ଯନ୍ତ୍ର ବ୍ୟବହାର କରାଯାଏ । ତାପମାନ ଯନ୍ତ୍ରରେ ଏକ ତାପସମ୍ବେଦୀ ପଦାର୍ଥ (Thermometric sub-stance) ଥାଏ, ଯାହାର ତାପ ପ୍ରୟୋଗ ଦ୍ୱାରା କିଛି ଭୌତିକ ଧର୍ମର ପରିବର୍ତ୍ତନ ଘଟେ। ଏହି ଭୌତିକ ପରିବର୍ତ୍ତନକୁ ମାପି ତାପମାତ୍ରାର ସୂଚନା ମିଳିପାରେ। ତାପସମ୍ବେଦୀ ପଦାର୍ଥର ପ୍ରକାର ଅନୁସାରେ ତାପମାନ ଯନ୍ତ୍ରକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଏ: ଯଥା ତରଳ, ଗ୍ୟାସୀୟ, ଧାତୁଯୁଗ୍ମ, ତାପଯୁଗଳ, ବୈଦ୍ୟୁତିକ ପ୍ରତିରୋଧକୀୟ ଇତ୍ୟାଦି ଇତ୍ୟାଦି। କୌଣସି ତରଳ ତାପମାନ ଯନ୍ତ୍ରରେ ତାପ ପ୍ରୟୋଗ ଦ୍ୱାରା ତରଳର ଆୟତନରେ ପରିବର୍ତ୍ତନ ଘଟୁଥିଲାବେଳେ ଗ୍ୟାସୀୟ ତାପମାନ ଯନ୍ତ୍ରରେ କିନ୍ତୁ ଏକ ଗ୍ୟାସର ଆୟତନ କିମ୍ବା ଚାପ ବଦଳିଥାଏ । ତାପ ପ୍ରୟୋଗ ଫଳରେ ଧାତୁଯୁଗ୍ମର ବିଚିତ୍ର ଧର୍ମ ହେତୁ ଏହା ବଙ୍କେଇ ଯାଇ ତାପମାତ୍ରାର ସୂଚନା ଦିଏ ଏବଂ ଏକ ତାପଯୁଗଳ ତାପମାନ ଯନ୍ତ୍ରରେ ତାପ ପ୍ରୟୋଗ ଦ୍ୱାରା ତାପଯୁଗଳରେ ବିଦ୍ୟୁତ ବିଭବ ସୃଷ୍ଟି ହୁଏ। ସେହିପରି ବୈଦ୍ୟୁତିକ ପ୍ରତିରୋଧକ ତାପମାନ ଯନ୍ତ୍ରରେ ତାପ ପ୍ରୟୋଗ ଫଳରେ ପଦାର୍ଥର ବୈଦ୍ୟୁତିକ ପ୍ରତିରୋଧକର ପରିବର୍ତ୍ତନ ଘଟି ପ୍ରବାହିତ ବିଦ୍ୟୁତ୍ ସ୍ରୋତ ଦ୍ୱାରା ତାପମାତ୍ରାର ସୂଚନା ମିଳେ। ବୈଜ୍ଞାନିକ ଗାଲିଲିଓ ପ୍ରଥମେ ବାୟୁକୁ ଏକ ତାପସମ୍ବେଦୀ ପଦାର୍ଥ ରୂପରେ ବ୍ୟବହାର କରି ଏକ ଗ୍ୟାସୀୟ ତାପମାନ ଯନ୍ତ୍ର ନିର୍ମାଣ କରିଥିଲେ। ଆମେ ଏଠାରେ ଏକ ବାୟୁଚାଳିତ ତାପମାନ ଯନ୍ତ୍ରର ନିର୍ମାଣ ସମ୍ପର୍କରେ ଆଲୋଚନା କରିବା।

ରବର ଠିପି ଥିବା ଏକ କାଚ ବୋତଲ (ବଡ଼ ଇଞ୍ଜେକ୍‌ଶନ୍ ଶିଶି ହେଲେ ଚଳିବ), ସରୁ ଓ ଲମ୍ବା (ପ୍ରାୟ ୧ ଫୁଟ ଲମ୍ବା) କାଚନଳୀ, ବିକର କିମ୍ବା କାଚଗ୍ଲାସ୍, ମହମବତି, ଦିଆସିଲି, ଲୁହାକଣ୍ଟା, ସେଲୋଟେପ୍, ଧଳା କାଗଜ, ପେନସିଲ୍, ବରଫ, ସୂତା କପଡ଼ା।



**ଆସ ତିଆରି କରିବା-**

ବୋତଲରୁ ରବର ଠିପି କାଢ଼ି ଠିପି ମଧ୍ୟଭାଗରେ ଲୁହାକଣ୍ଟାରେ ଏକ ସରୁ ଛିଦ୍ର କର।

-ଏହି ଛିଦ୍ର ଦେଇ କାଚନଳୀକୁ ଠିପି ମଧ୍ୟରେ ପ୍ରବେଶ କରାଅ, ଯେପରି ନଳୀ ଓ ଛିଦ୍ର ମଧ୍ୟରେ କୌଣସି ଫାଙ୍କ ନ ରହିବ।

-ବୋତଲର ଠିପି ଲଗେଇଦିଅ। କାଚନଳୀର ଅଳ୍ପ କିଛି ଅଂଶ ବୋତଲ ମଧ୍ୟରେ ରହିବା ଆବଶ୍ୟକ ଏବଂ ଅବଶିଷ୍ଟ ଅଂଶ ବୋତଲ ବାହାରେ ରହିବା ଉଚିତ ।

- ବୋତଲକୁ ଏବେ ଓଲଟାଇ ଏକ ଷ୍ଟାଣ୍ଡ କିମ୍ବା ଟେବୁଲରେ ଦୃଢ଼ ଭାବରେ ବାନ୍ଧିଦିଅ।

-ଏବେ ଆସ, ନଳୀ ମଧ୍ୟରେ କିଛି ରଙ୍ଗିନ୍ ଜଳ ପ୍ରବେଶ କରାଇବା। ଏହି ରଙ୍ଗିନ୍ ଜଳ ହିଁ ଆମ ତାପମାନ ଯନ୍ତ୍ରରେ ସୂଚକ ତରଳ ରୂପେ କାର୍ଯ୍ୟ କରି ତାପମାତ୍ରାର ସୂଚନା କରିବ। ଏଥିନିମନ୍ତେ କାଚଗ୍ଲାସ୍‌ରେ କିଛି ଜଳ ନିଅ ଓ ସେଥିରେ କିଛି କାଳି ମିଶାଇ ରଙ୍ଗିନ୍ କର।

-ମହମବତି ଜାଳି ବୋତଲକୁ ଟିକେ ଗରମ କର, ଯେପରି ସେଥିରୁ କିଛି ବାୟୁ ବାହାରି ଯିବ।

-ଜଳ ଥିବା ଗ୍ଲାସ୍‌କୁ ନେଇ ବୋତଲ ତଳେ ରଖ, ଯେପରି ନଳୀର ମୁହଁ ରଙ୍ଗିନ୍ ଜଳ ମଧ୍ୟରେ ବୁଡ଼ି ରହିବ। ବୋତଲ ଥଣ୍ଡା ହେଲେ ତା' ମଧ୍ୟରେ ଆଂଶିକ ଶୂନ୍ୟତା ସୃଷ୍ଟି ହୋଇ ତା' ମଧ୍ୟକୁ କିଛି ରଙ୍ଗିନ୍ ଜଳ ପ୍ରବେଶ କରିବ। ବାସ୍, ଆମର ବାୟୁ ତାପମାନ ଯନ୍ତ୍ରଟି ତିଆରି ହୋଇଗଲା। ଏବେ ଆସ, ପ୍ରକୃତ ଗଣନା ନିମନ୍ତେ ନଳୀକୁ ଅଂଶାଙ୍କନ କରିବା।

-ଖଣ୍ଡିଏ ଧଳା କାଗଜ ନେଇ ଏହାକୁ ସେଲୋଟେପ୍ ଦ୍ୱାରା ନଳୀ ଉପରେ ଲଗାଇଦିଅ।

-ବୋତଲ ଚାରିପଟେ କିଛି ବରଫ କପଡ଼ାରେ ଗୁଡ଼ାଇ ରଖ। କାଚନଳୀ ମଧ୍ୟରେ ରଙ୍ଗିନ୍ ଜଳସ୍ତମ୍ଭର ସ୍ଥାନ ବଦଳିଯିବ। ଏହି ସ୍ଥାନରେ କାଗଜ ଉପରେ ପେନ୍‌ସିଲ୍ ଦାଗଟିଏ ଦେଇ '୦' (ଜିରୋ) ବୋଲି ଲେଖ। ଏହା ସେଲ୍‌ସିୟସ୍ ତାପକ୍ରମରେ ଡିଗ୍ରୀ ଏକକରେ ଜଳର ହିମାଙ୍କ ସୂଚନା କରିବ।

- ବରଫ କାଢ଼ି ନେଇ ଏବେ ବୋତଲକୁ ହାତରେ ମୁଠାଇ କିଛି ସମୟ ଧରି ରଖ। ଶରୀରର ତାପମାତ୍ରା (ପ୍ରାୟ ୩୭ ଡିଗ୍ରୀ ସେଲ୍‌ସିୟସ୍)ରେ ବାୟୁର ଆୟତନର ପ୍ରସାରଣ ଘଟିବାରୁ ନଳୀ ମଧ୍ୟରେ ରଙ୍ଗିନ୍ ଜଳ ସ୍ତମ୍ଭର ପତନ ବଦଳିଯିବ। ରଙ୍ଗିନ୍ ଜଳ ନିର୍ଦ୍ଦେଶ କରୁଥିବା ସ୍ଥାନର କାଗଜ ଉପରେ '୩୭' ଲେଖ।

- ପୁଣି '୦' ଓ '୩୭' ତାପମାତ୍ରା ଦ୍ୱୟର ମଧ୍ୟବର୍ତ୍ତୀ ସ୍ଥାନକୁ ୩୭ ସମାନ ଅଂଶରେ ବିଭକ୍ତ କରି କାଗଜ ଉପରେ ପେନ୍‌ସିଲ୍‌ରେ ଦାଗ ଦିଅ। ପ୍ରତି କ୍ଷୁଦ୍ର ଭାଗ ସେଲସିୟସ୍ ତାପକ୍ରମରେ ୧ ଡିଗ୍ରୀ ତାପମାତ୍ରାର ସୂଚକ ହେବ। ଏହି ପଦ୍ଧତିକୁ ଅନୁସରଣ କରି ନଳୀକୁ ସେଲ୍‌ସିୟସ୍ ଏକକରେ ୩୭ ଡିଗ୍ରୀ ପରେ ମଧ୍ୟ ୧୦୦ ଡିଗ୍ରୀ ପର୍ଯ୍ୟନ୍ତ ଅଂଶାଙ୍କନ କରିଯାଅ।

**ଆସ ପରୀକ୍ଷା କରିବା**

କୌଣସି ଅଜ୍ଞାତ ଉତ୍ସର ତାପମାତ୍ରା ଜାଣିବା ପାଇଁ ତାପଉତ୍ସକୁ ଆମ ତାପମାନ ଯନ୍ତ୍ରର ସଂସ୍ପର୍ଶରେ ଆସିବା ପାଇଁ ଦିଅ। ତାପ ଉତ୍ସ ଓ ତାପମାନ ଯନ୍ତ୍ରର ତାପମାତ୍ରା ସମାନ ହେବାଯାଏ ଅପେକ୍ଷା କର। ନଳୀ ମଧ୍ୟରେ ରଙ୍ଗିନ୍ ଜଳର ସ୍ଥାନ ଅନୁସାରେ ଅଂଶାଙ୍କିତ କାଗଜରୁ ପରୀକ୍ଷିତ ବସ୍ତୁର ତାପମାତ୍ରା ପଢ଼।

ଆମେ ଦୈନନ୍ଦିନ ଜୀବନରେ ସଂସ୍ପର୍ଶରେ ଆସୁଥିବା କେତେକ ସାଧାରଣ ତାପମାତ୍ରାର ମୂଲ୍ୟ ସେଲ୍‌ସିୟସ୍ ତାପକ୍ରମରେ ନିମ୍ନରେ ଦିଆଗଲା :

ସୁସ୍ଥ ଶରୀରର ସାଧାରଣ ତାପମାତ୍ରା : ୩୭୦C
ପ୍ରବଳ ଜ୍ୱରରେ ଶରୀରର ତାପମାତ୍ରା : ୪୦.୫୦C
ପ୍ରଚଣ୍ଡ ଖରାଦିନର ତାପମାତ୍ରା : ୪୬୦C
ଜଳର ସ୍ଫୁଟନାଙ୍କର ତାପମାତ୍ରା : ୧୦୦୦C
ଶୀତଋତୁର ଏକ ଥଣ୍ଡାଦିନର ତାପମାତ୍ରା : ୨୫୦C
ମହମର ଗଳନାଙ୍କର ତାପମାତ୍ରା : ୬୮ ୦Cକ
ଚା'ର ତାପମାତ୍ରା : ୮୦୦C
ଆଇସ୍‌କ୍ରିମ୍ ର ତାପମାତ୍ରା : -୫୦C ରୁ ୧୦୦C
ଶୀତଦିନେ ଗାଧୋଇବା ନିମନ୍ତେ ଉଷୁମ ଜଳର ତାପମାତ୍ରା : ୪୫୦C

- ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ,ମଧ୍ୟ ପ୍ରଦେଶ ମୋ: ୮୦୧୮୭୦୮୮୫୮

# ଆ ଇ ନା




**ହୃଦୟ ଅନାହତ**
୩ ବର୍ଷ/ଭୁବନେଶ୍ୱର



**ସାନ୍ୱୀ ରଣା**
୮ ବର୍ଷ/କେନ୍ଦୁଝର